# ୩ଟି କୃଷି ସଂସ୍କାର ଅଧ୍ୟାଦେଶ : ଚାଷୀ ପାଇଁ ଲାଭବାନ ହେବ ତ ?

**Kirankumar Vissa**

**September 11, 2020**

**ASHA Webinar Series - Food, Farming & Farmers**

Alliance for Sustainable and Holistic Agriculture (ASHA)

# ଅଧ୍ୟାଦେଶର ନାଁ ହିଁ କହୁଛି ଅଧ୍ୟାଦେଶର ଅସଲ କାହାଣୀ

୧ – କୃଷି ଉତ୍ପାଦ ବିକ୍ରିବଟା ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସୁଗମକରଣ) ଅଧ୍ୟାଦେଶ, ୨୦୨୦

୨ – ଚାଷୀ ମାନଙ୍କୁ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟର ଭରସା ଓ କୃଷି ସେବା ଅଧ୍ୟାଦେଶ, ୨୦୨୦

୩– ଜରୁରୀ ସାମଗ୍ରୀ (ସଂଶୋଧନ) ଅଧ୍ୟାଦେଶ, ୨୦୨୦

# ଆସ ଏମାନଙ୍କ ପ୍ରକୃତ ନାମରେ ଜାଣିବା

୧ - ଏ.ପି.ଏମ.ସି. ଅତିକ୍ରମଣ ଅଧ୍ୟାଦେଶ

୨ - ଠିକା ଚାଷ ଅଧ୍ୟାଦେଶ

୩- କୃଷି ବ୍ୟବସାୟ (ଖାଦ୍ୟ ଗଚ୍ଛିତ ରଖିବାର ସ୍ୱାଧୀନତା)

ଅଧ୍ୟାଦେଶ

- ଅଧ୍ୟାଦେଶଟି ପ୍ରକୃତରେ କାହାକୁ ଲାଭ ଦେବ ?
- ତରତରରେ ସରକାର ଅଧ୍ୟାଦେଶ ଆଣିଲେ କାହିଁକି ?
- ସମସ୍ତ ୩ଟି ଅଧ୍ୟାଦେଶର ବୃହତର ଉଦ୍ଦେଶ୍ୟ କଣ ?

# କାହାର ଲାଭ ? କାହାର କ୍ଷତି ?

ଚାଷୀ

X

କୃଷି ବ୍ୟବସାୟ

କୃଷି କ୍ଷେତ୍ର

ଖାଉଟି

(ଉଦ୍ୟୋଗ ସମେତ)

# କାହାର ଲାଭ ? କାହାର କ୍ଷତି ?

- ଏହା କେବଳ ଚାଷୀର ଲାଭ ଦେଖୁନାହିଁ, ଖାଉଟି କିଂବା କୃଷି କ୍ଷେତ୍ର ଓ ଅନ୍ୟାନ୍ୟ କ୍ଷେତ୍ରକୁ ବି ଦେଖୁଛି
- ଚାଷୀ ଓ କୃଷି ବ୍ୟବସାୟ ମଧ୍ୟରେ ବହୁତ ବଡ଼ ଅସନ୍ତୁଳନତା
- କୃଷି କ୍ଷେତ୍ର ନାଁରେ ଏହା କୃଷକ ମାନଙ୍କ ମୂଲ୍ୟ ଉପରେ କୃଷି ବ୍ୟବସାୟକୁ ବଢ଼େଇବ
- କାହାଣୀ ନୂଆ ନୁହେଁ (ଆମେରିକାର କୃଷିକୁ ଦେଖାଯାଇପାରେ)
- ମନେରଖ: ଚାଷୀ ଓ ଖାଉଟି ଉଭୟ ନାଗରିକ, କିନ୍ତୁ କୃଷି କ୍ଷେତ୍ରରେ ଜଡ଼ିତ ଥିବା କଂପାନୀ ନୁହଁନ୍ତି

# ଜରୁରୀ ସାମଗ୍ରୀ ଆଇନ୍ ଅଧ୍ୟାଦେଶ

- ପୂର୍ବ ଆଇନ୍ ଅନୁସାରେ ଚାଷୀ ଓ ଏଫ.ପି.ଓ. ମାନଙ୍କୁ ଉତ୍ପାଦ ଗଚ୍ଛିତ ରଖିବା ଉପରେ କିଛି ପ୍ରତିବଂଧକ ନଥିଲା
- କୃଷି ବ୍ୟବସାୟ ପାଇଁ ପ୍ରତିବଂଧକ ଥିଲା- ତେଣୁ ଏହା କୃଷି ବ୍ୟବସାୟ (ଗଚ୍ଛିତ ରଖିବାର ସ୍ୱାଧୀନତା) ଅଧ୍ୟାଦେଶ
- ପୂର୍ବ ଆଇନ୍‌ରେ ସରକାର ଅନେକ ଖାଦ୍ୟ ସାମଗ୍ରୀକୁ ଜରୁରୀ ସାମଗ୍ରୀ ଆଇନ୍‌ରୁ ଛାଡ଼ କରିଥିଲେ
- *ସ୍ୱତନ୍ତ୍ର ଖାଦ୍ୟଦ୍ରବ୍ୟ ଉପରେ ଲାଇସେନ୍‌ସର ଆବଶ୍ୟକତାର ଉଚ୍ଛେଦ, ଗଚ୍ଛିତ ସୀମା ଓ ଚାଲାଣ ପ୍ରତିବଂଧକ ଆଦେଶ, ୨୦୧୬* ଗହମ, ଗହମରୁ ପ୍ରସ୍ତୁତ ଦ୍ରବ୍ୟ, ଦାନ, ଚାଉଳ, ଶସ୍ୟ ଜାତୀୟ, ଚିନି, ଖାଇବା ତେଲ, ଡାଲି, ବନସ୍ପତି ଓ ଆଳୁ ଆଦିକୁ ଛାଡ଼ କରୁଥିଲା

# ଜରୁରୀ ସାମଗ୍ରୀ ଆଇନ୍ ସଂଶୋଧନରେ କଣ ଅଛି

- ଖାଦ୍ୟ ଦ୍ରବ୍ୟର ଯୋଗାଣ କେବଳ ଅସାଧାରଣ ପରିସ୍ଥିତିରେ ହିଁ ନିୟନ୍ତ୍ରଣ କରାଯାଇପାରିବ- ଯୁଦ୍ଧ, ଦୁର୍ଭିକ୍ଷ, ପ୍ରାକୃତିକ ବିପର୍ଯ୍ୟୟ, ଅହେତୁକ ମୂଲ୍ୟବୃଦ୍ଧି
- ଗଚ୍ଛିତ ସୀମାକୁ ନିୟନ୍ତ୍ରଣ କରିବାର ଆଦେଶ, ଖୁଚୁରା କ୍ଷେତ୍ରରେ (ଉଦ୍ୟାନ କୃଷି) ୧୦୦% ବୃଦ୍ଧି ଓ ଅପଚନଶୀଳ କୃଷିଜାତ ଖାଦ୍ୟ ଦ୍ରବ୍ୟ କ୍ଷେତ୍ରରେ ୫୦% ବୃଦ୍ଧି/ ପୂର୍ବ ୧୨ ମାସର ମୂଲ୍ୟ କିଂବା ଗତ ୫ ବର୍ଷର ହାରାହାରି ମୂଲ୍ୟ,ଯେଉଁଟି କମ୍
- ଯଦି ଗଚ୍ଛିତ ସୀମା, ପ୍ରକ୍ରିୟାକରଣ କ୍ଷମତା କିଂବା ରପ୍ତାନୀ ଚାହିଦା ଠାରୁ ଅଧିକ ନୁହେଁ ସେତେବେଳେ ଏପରି ଆଦେଶ ଲାଗୁହେବ ନାହିଁ । ଉଦାହରଣ-ଅଦାନୀ କୋ.ର କେବେ ଗଚ୍ଛିତ ସୀମା ହେବ ନାହିଁ ।

ଗଚ୍ଛିତ ଖାଦ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ କ୍ଷମତାକୁ ହଟେଇ ଦିଏ

# ଜରୁରୀ ସାମଗ୍ରୀ ଆଇନ୍ ଅଧ୍ୟାଦେଶରେ ନିହିତାର୍ଥ

*ବଡ଼ କୃଷି ବ୍ୟବସାୟ ପାଇଁ*

*ଗଚ୍ଛିତ ସୀମା ନାହିଁ, ପ୍ରତିବଂଧକ ନାହିଁ*

*ବଡ଼ ଗଚ୍ଛିତ ଶୃଂଖଳା, ଯୋଗାଣ ଓ ବଜାର ଉପରେ ବହୁତ ନିୟନ୍ତ୍ରଣ*

ଆମଦାନୀକାରୀଙ୍କ ପାଇଁ ଦୂଆର ଖୋଲିଯିବ, କଂପାନୀ ମାନେ ଆଫ୍ରିକାରେ ଜମି ଲିଜ ନେଉଛନ୍ତି ଯଥା ଅଦାନୀ

ଚାଷୀଙ୍କ ପାଇଁ

ସେମାନଙ୍କ ଧାରଣ କ୍ଷମତାରେ ପରିବର୍ତନ ନାହିଁ (ଗଚ୍ଛିତ ଓ ଅର୍ଥ)

କୃଷି ବ୍ୟବସାୟ ତୁଳନାରେ ମୂଲଚାଲ କ୍ଷମତା କମେଇବ

କୃଷି ବ୍ୟବସାୟ ଦ୍ୱାରା ବଜାରରେ ପ୍ରଭାବ ବିସ୍ତାର ମୂଲ୍ୟ କମ୍ କରିପାରେ

# ଏ.ପି.ଏମ.ସି. ଅତିକ୍ରମଣ ଅଧ୍ୟାଦେଶ

- ଏ.ପି.ଏମ.ସି.ର ନିଜସ୍ୱ ସମସ୍ୟା ଅଛି, କିନ୍ତୁ ତାହା ମୂଲ୍ୟ ନିର୍ଦ୍ଧାରଣ ଓ ଅଣମୂଲ୍ୟ କ୍ଷେତ୍ର ଉପରେ ମୂଲଚାଲ କରିବାରେ ସୁଯୋଗ ଦିଏ । ସ୍ଥାନୀୟ ପ୍ରଶାସନ ଏକ ମୂଖ୍ୟ ଭୂମିକା ନିର୍ବାହ କରେ । ଉ.ହ- କୁରନୁଲ୍‌ରେ ପିଆଜ ଦରରେ ଅଭିଜ୍ଞତା ଓ ଆଦିଲାବାଦରେ କପାର ଆର୍ଦ୍ରତା ପରୀକ୍ଷଣ
- ଅନିୟନ୍ତ୍ରିତ ହୋଇ ରହିବା ଏକ ବଡ଼ ସମସ୍ୟା । ଗ୍ରାମୀଣ ଅଂଚଳରେ ଚାଷୀ ମାନଙ୍କର ଅଭିଜ୍ଞତା ତୁଳନାରେ ଏ.ପି.ଏମ.ସି ବଜାର ପାଖରେ ଥିବା ଚାଷୀ ମାନଙ୍କର ଅଭିଜ୍ଞତା ବହୁତ ଭିନ୍ନ । ଉଭୟ ମୂଲ୍ୟ ଓ ଅଣମୂଲ୍ୟ କ୍ଷେତ୍ର ଯଥା ଗ୍ରେଡ଼ିଙ୍ଗ୍, ଓଜନ, ଆର୍ଦ୍ରତା, ପରୀକ୍ଷଣ ଇତ୍ୟାଦି
- ନୂଆ ଅଧ୍ୟାଦେଶରେ ମୂଲ୍ୟ ପଇଠକୁ ନେଇ ସ୍ୱଳ୍ପ ନିୟନ୍ତ୍ରଣ- କିନ୍ତୁ ଅଣମୂଲ୍ୟ କ୍ଷେତ୍ରରେ କିଛି ନାହିଁ ।
- ବିକ୍ରିବଟା ବିକ୍ଷିପ୍ତ ଭାବେ ହେଉଥିବାରୁ ସ୍ଥାନୀୟ ଏକାଧୀପତ୍ୟ ବିସ୍ତାର ହୁଏ

# ଏ.ପି.ଏମ.ସି ଅତିକ୍ରମଣ ଅଧ୍ୟାଦେଶ

- କେନ୍ଦ୍ର ରାଜ୍ୟ ସରକାରଙ୍କ ଭୂମିକାକୁ ଛଡ଼େଇ ନେଉଛି, ଯାହା ଗ୍ରହଣୀୟ ନୁହେଁ । ସ୍ଥାନୀୟ ନିୟନ୍ତ୍ରଣ ଆବଶ୍ୟକ । ଚାଷୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପାଖରେ ପହଂଚିବା ଅଧିକ ସହଜ ଓ ରାଜନେତିକ ଭାବେ ଅଧିକ ଉତରଦାୟୀ । ପୂର୍ବରୁ ଅଧିକାଂଶ ରାଜ୍ୟ ଦ୍ୱାରା ଏ.ପି.ଏମ.ସି ମଡେଲ ଆଇନ୍‌କୁ ଗ୍ରହଣ କରାଯାଇଥିଲା ।
- ଏ.ପି.ଏମ.ସି. ବଜାର ଉଠିଯବା ପରେ ବିହାରର ଅଭିଜ୍ଞତା: ଏହି ବ୍ୟବସ୍ଥା ଉଠିଯିବା ପରେ ଚାଷୀ ମାନେ ଉଚିତ୍ ମୂଲ୍ୟ ପାଇଲେ କି ? ଧାନ ଓ ମକା ଆଦି ଫସଲରେ ଚାଷୀ ମାନେ ଅନ୍ୟ ରାଜ୍ୟ ତୁଳନାରେ ୨୫% କମ୍ ମୂଲ୍ୟ ପାଇଲେ ।
- ଏ.ପି.ଏମ.ସି.କୁ ଦୁର୍ବଳ କରିବା ଦ୍ୱାରା ଚାଷୀଙ୍କୁ ଏମ.ଏସ.ପି. ଦେବାରେ ସରକାର ଅଧିକ ବିଫଳ ହେବେ ।

# ଠିକାଚାଷ ଅଧ୍ୟାଦେଶ

- ତେଲେଙ୍ଗାନା ଓ ଆଂଧ୍ରପ୍ରଦେଶର ହାଇବ୍ରିଡ୍ ବିହନ ଚାଷ କରୁଥିବା ଚାଷୀଙ୍କର ଅଭିଜ୍ଞତା କୁହେ ଯେ, ଠିକାଚାଷ ଏବେ ସଂପୁର୍ଣ୍ଣ ଭାବେ ଅଣପଞ୍ଜୀକୃତ ଓ ଅନିୟନ୍ତ୍ରିତ ଭାବେ ଚାଲୁଛି । କଂପାନୀ ମାନେ ମଧ୍ୟସ୍ଥିଙ୍କ ଉପରେ ନିର୍ଭର କରୁଛନ୍ତି । ଶୋଷଣ, ଦରଦାମ୍‌ରେ ଉତରଦାୟିତ୍ୱର ଅଭାବ, ବିହନର ଗୁଣବତା ଇତ୍ୟାଦି
- ଗୋଟିଏ ପଟେ ଛୋଟ ଓ ନାମମାତ୍ର ଚାଷୀଙ୍କ ମଧ୍ୟରେ ବିରାଟ ଅସମାନତା ଓ ଅନ୍ୟପଟେ ପେପ୍‌ସି କୋ କିଂବା ନୁଜିଭେଡୁ କଂପାନୀ
- ମୂଲ୍ୟ ପାଇଁ ଭରସା ଓ କୃଷି ସେବା ଉପରେ ଚାଷୀ (ସଶକ୍ତୀକରଣ ଓ ସୁରକ୍ଷା) ରାଜିନାମା ଅଧ୍ୟାଦେଶରେ ଚାଷୀଙ୍କୁ ସଶକ୍ତ କରିବା, ସୁରକ୍ଷା ଦେବା ଓ ଉଚିତ୍ ମୂଲ୍ୟ ଦେବାର ବହୁତ କମ୍ ସୁଯୋଗ ଅଛି ।
- କୃଷି ସେବା ଠିକା କଂପାନୀ ମାନଙ୍କ ପାଇଁ ଜମି ହାତକୁ ନେବାର ପ୍ରକ୍ସି ଭାବେ କମା କରିପାରେ ।

# ତିନୋଟି ଅଧ୍ୟାଦେଶର ବୃହତର ଛବି

- ଚାଷୀ ମାନଙ୍କୁ ଉଚିତ୍ ମୂଲ୍ୟ ଓ ବଜାର ଯୋଗାଉଥିବା ଆଦି କାମରୁ ସରକାର ଅବ୍ୟାହତି ନେଉଛନ୍ତି
- ବଡ଼ ଉଦ୍ୟୋଗ ମାନଙ୍କ ତରଫରୁ ନିବେଶ ବଢ଼ିବାଟା ହିଁ ଏହାର ମୁଖ୍ୟ କାମ, ଯାହା କୃଷି କ୍ଷେତ୍ରକୁ ବିକାଶ କରିବ
- ସରକାର ଦାବି କରୁଛନ୍ତି ଯେ, ଏସବୁ ଚାଷୀମାନଙ୍କୁ ସାହାଯ୍ୟ କରିବ- କିନ୍ତୁ ଏହା ସ୍ପଷ୍ଟ ନୁହେଁ ଯେ, ସତରେ କଣ ସରକାର ଏହା ବିଶ୍ୱାସ କରନ୍ତି । ସରକାର ଯେପରି ଭାବେ ଲକ୍ ଡାଉନ ସମୟରେ ଏହି ଅଧ୍ୟାଦେଶ ଗୁଡ଼ିକୁ ଆଣିଛନ୍ତି, ଏଥିରୁ ବୁଝାପଡ଼ୁଛି ଯେ, ସାଧାରଣ ସମୟରେ ଚାଷୀ ମାନଙ୍କ ତରଫରୁ ହେବାକୁ ଥିବା ବିରୋଧକୁ ଡରି ସରକାର ଏପରି କରିଛନ୍ତି ।

# ବିଜେପି/ ଏନ୍.ଡ଼ି.ଏ.ର ନୀତି

- ମାର୍ଚ୍ଚ/ମେ ୨୦୧୪: ଏମ.ଏସ.ପି. ୫୦% ବଢ଼େଇବା ଓ ସବୁ ଚାଷୀ ଏମ.ଏସ.ପି ପାଇବାର ନିଶ୍ଚିତତା ପାଇଁ ନିର୍ବାଚନ ପ୍ରତିଶ୍ରୁତି
- ଜୁନ ୨୦୧୪-ଡିସେଂବର ୨୦୧୭ଏମ.ଏସ.ପି.ରେ ସ୍ୱଳ୍ପ ବୃଦ୍ଧି । ବୋନସ ଦେବାକୁ ରାଜ୍ୟ ସରକାର ମାନଙ୍କୁ ବାରଣ । ଏଫ.ସି.ଆଇ., ଏମ.ଏସ.ପି. ଓ କ୍ରୟ ଉପରେ ଶାନ୍ତାକୁମାର କମିଟି ରିପୋର୍ଟ । ସୁପ୍ରିମ୍ କୋର୍ଟ କହିଲେ ଏମ.ଏସ.ପି. ବଢ଼େଇ ହେବ ନାହିଁ । ଏମ.ଏସ.ପି. ବିଷୟ ଆଉ ନଉଠେଇ ଚାଷୀଙ୍କ ଆୟ ଦୁଇଗୁଣ କରିବାର ନୂଆ ପ୍ରତିଶ୍ରୁତି
- ଜାନୁଆରୀ ୨୦୧୮ ପରବର୍ତ୍ତୀ: ଏମ.ଏସ.ପି ପ୍ରତିଶ୍ରୁତି ପୁଣିଥରେ (ଏ୨+ଏଫ.ଏଲ.+୫୦%), ଏମ.ଏସ.ପି. ବୃଦ୍ଧି. ପ୍ରାଇସ୍ ଡେଫିସିଏନ୍ସି ପେମେଂଟ ସ୍କିମ୍, ପି.ଏମ.- ଆଶା ସ୍କିମ୍, ଗ୍ରାମ ସ୍କିମ୍ ୨୨୦୦୦ ଗ୍ରାମୀଣ ହାଟକୁ ବୃଦ୍ଧି
- ଜୁନ୍ ୨୦୨୦ ପରବର୍ତ୍ତୀ: ୩ଟି କୃଷି ଅଧ୍ୟାଦେଶ, କୃଷି ବ୍ୟବସାୟ କଂପାନୀମାନେ ଚାଷୀଙ୍କୁ ମୂଲ୍ୟ ନିଶ୍ଚିତ କରିବେ

# ଚାଷୀଙ୍କୁ କଣ ଆବଶ୍ୟକ

- ଚାଷୀଙ୍କୁ ସରକାରୀ ସହାୟତା ନିହାତି ଆବଶ୍ୟକ । ସରକାର ଓହରିଗଲେ ହିଁ ଚାଷୀଙ୍କର ଲାଭ ହେବ, ଏହା ଏକ ମରିଚୀକା । ଏହା କେବଳ ବୃହତ କୃଷି ବ୍ୟବସାୟୀଙ୍କୁ ସହାୟ ହେବ
- ୩ଟି ଯାକ ଅଧ୍ୟାଦେଶ ଚାଷୀ ବିରୋଧୀ ଓ ଯଥାଶୀଘ୍ର ପ୍ରତ୍ୟାହାର ହେବା ଉଚିତ
- ବଜାର ସହିତ ଠିକ ଭାବେ ଯୋଗାଯୋଗ କରିବା ପାଇଁ ଓ ଅଧିକ ଲାଭ ପାଇବା ପାଇ (ବିଶେଷ କରି ଗଚ୍ଛିତ ରଖିବା, ପ୍ରକ୍ରିୟାକରଣ ଓ ଆର୍ଥିକ କ୍ଷେତ୍ରରେ) ଚାଷୀ ଓ ଏଫ.ପି.ଓ ମାନଙ୍କର ଦକ୍ଷତା ବୃଦ୍ଧି କରିବାକୁ ହେବ ।
- ଅଧିକାଂଶ ଫସଲକୁ ଏମ.ଏସ.ପି ଦିଆଯାଉ : କର୍ଣାଟକ ଓ ଓଡ଼ିଶା ଅଭିଜ୍ଞତାରୁ

# ଚାଷୀଙ୍କୁ କଣ ଆବଶ୍ୟକ

- AIKSCC's *Farmers' Guaranteed Remunerative MSP Bill* ଭିନ୍ନ ଭିନ୍ନ ହସ୍ତକ୍ଷେପ ମାଧ୍ୟମରେ ଚାଷୀ ଏମ.ଏସ.ପି. ପାଇବାକୁ ନିଶ୍ଚିତ କରେ ।
  - ଯେତେବେଳେ ମୂଲ୍ୟ ଏମ.ଏସ.ପି. ଠାରୁ କମ୍ ଥିବ ସେତେବେଳେ ବଜାର ସ୍ତରରେ ଉଚିତ ପଦକ୍ଷେପ ନିଆଯିବ
  - କ୍ରୟ ଉତ୍ସ ଗୁଡ଼ିକୁ ବ୍ୟାପକ କରାଯାଇ ପି.ଡି.ଏସ. ଓ ଆଇ.ସି.ଡି.ଏସ. ସହିତ ସଂଯୋଗ କରାଯାଉ
  - ମୂଲ୍ୟ କ୍ଷତିପୂରଣ ଓ ଘରୋଇ ବେପାରୀଙ୍କୁ ପ୍ରୋତ୍ସାହନ
  - ବଜାରରେ ପ୍ରତି କିଣା ବିକାରେ ଏମ.ଏସ.ପି. ମୂଳ ମୂଲ୍ୟ ଭାବେ ରହିବ
  - ସବୁ କଂଟ୍ରାକ୍ଟରେ ଏମ.ଏସ.ପି. ମୂଳ ମୂଲ୍ୟ ଭାବେ ରହିବ
- ଆହୁରି ଅନେକ ଜରୁରୀ ପଦକ୍ଷେପ ଯଥା ମୂଲ୍ୟ, ବଜାର ସହାୟତା, ଆନୁଷ୍ଠାନିକରଣ, ପ୍ରକୃତ ଚାଷୀ ଚିହ୍ନଟ, ରିଲିଫ୍, ବୀମା ଓ ରୋଜଗାର ସହାୟତା